### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପାପଡାହାଣ୍ଡି, (ଡି.ଏନ୍.ଏ.): ପାପଡାହାଣ୍ଡି ବ୍ଲକ ମୈଦଲପୁର କଲେଜରେ ୮ଦିନ ଧରି ଚାଲଇଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପାଠ ପଢ଼ିବା ସହିତ, ନିଜକୁ ରକ୍ଷା କରିବାକୁ ଯୁବତୀମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ଡା ଲିପିକା ମାଝି, ମଇଦଲପୁର ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝି, ପୂର୍ବତନ ସରପଞ୍ଚ ଚୈତନ ମିରଗାନ, ପ୍ରଶିକ୍ଷଣ ଶିକ୍ଷକ ସୂର୍ଯ୍ୟକାନ୍ତି ହରିଜନ, କଲେଜ ଅଧକ୍ଷ ଗଣେଶ୍ୱର ସାହୁ ଓ ଅନ୍ୟ ଅଧାପକମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ୮୬ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଗିରଫ ଡ୍ରାଇଭରଙ୍କୁ ତୁରନ୍ତ ଖଲାସ ଦାବି



**ଉମରକୋଟ, ୨୦।୪(ସ୍ୱ.ପ୍ର.):** ଓଡିଶା ଡ୍ରାଇଭର ମହାସଂଘ ବିଭିନ୍ନ ଦାବିରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଭୁବନେଶ୍ୱର ପୋଲିସ ମହାସଂଘର ୫ ଡ୍ରାଇଭରଙ୍କୁ ଗିରଫ କରିଛି। ସେମାନଙ୍କ ଖଲାସ ଦାବି କରି ବୁଧବାର ଉମରକୋଟ ଡ୍ରାଇଭର ସଂଘ ପ୍ରତିବାଦ କରିଛି। ଉମରକୋଟ ଡଙ୍ଗରିଗୁଡାସ୍ଥିତ ଗେଟ ନିକଟ ରାସ୍ତା କଡରେ ଡ୍ରାଇଭରମାନେ ଏକତ୍ରିତ ହେଇ ଶାନ୍ତି ଶୃଙ୍ଖଳାର ସହ ପ୍ରତିବାଦ ଜଣାଇଥିଲେ। ଗିରଫ ସମସ୍ତଙ୍କୁ ନିସର୍ତରେ ଛଡ଼ାଯାଉ ବୋଲି ଦାବି କରିଥିଲେ। ଏପରି ନ ହେଲେ ଡ୍ରାଇଭରମାନେ ଷ୍ଟେରିଙ୍ଗ ଛାଡି ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଉମରକୋଟ ଡ୍ରାଇଭର ସଂଘ ସଭାପତି ପ୍ରଦୀପ ବିଶ୍ୱାସ ଧମକ ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ହର୍ଷିତ ବାଲା,ଅନୁପ ମଣ୍ଡଳ, ଅରୁଣ ବିଶ୍ୱାସ, ସୁବ୍ରତ ହାଲଦାର, ଅମିତ ବାଲା, କୁନା ପାଢ଼ି, ଯୋଗେଶ ନାୟକ, ସପନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଘରୋଇ ବସ୍ ଧକ୍କାରେ ହୋମ୍‌ଗାର୍ଡ ଗୁରୁତର

**ପାପଡାହାଣ୍ଡି,୨୦।୪(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସୋରିଷ ପଦର ଗ୍ରାମରେ ବୁଧବାର ଏକ ଘୋରଇ ବସ ଦୁର୍ଘଟଣାରେ ଜଣେ ହୋମ୍‌ଗାର୍ଡ ଗୁରୁତର ହୋଇଛନ୍ତି । ତାଙ୍କ ନାମ ନନ୍ଦ ଭତରା । ନନ୍ଦ ଏକ ବାଇକ (ଓଡି-୨୪ଏ-୨୪୮୬)ରେ ଦାଦିଆଗୁଡା ଗ୍ରାମର ସୋରିଷପଦର ଗ୍ରାମକୁ ଆସିଥିଲେ। ପାପଡାହାଣ୍ଡି ଆସିବା ସମୟରେ ମୁଖ୍ୟ ରାସ୍ତାରେ ତାଙ୍କ ବାଇକ ଏକ ବସ (ଓଡି-୧୦ଡି-୧୧୧୪) ସହ ଧକ୍କା ହୋଇ ନନ୍ଦ ଛିଟିକି ପଡ଼ିଥିଲେ। ତାଙ୍କ ବାଇକ ବସ୍ ତଳେ ଚାପି ହୋଇଯାଇଥିଲା। ଗୁରୁତର ନନ୍ଦଙ୍କୁ ପ୍ରଥମେ ପାପଡାହାଣ୍ଡି, ତାପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେ ପାପଡାହାଣ୍ଡି ଥାନାରେ କାମରେ ଯୋଗ ଦେବା ପାଇଁ ଆସିବା ସମୟରେ ଏହି ଦୁର୍ଘଟଣା ହୋଇଥିଲା।

### ରାଜମିସ୍ତ୍ରି ସଂଘ ନୂତନ କର୍ମକର୍ତ୍ତା ଚୟନ



**ନବରଙ୍ଗପୁର,୨୦।୪ (ବି.ପ୍ର.):** ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି ପରିସର ହାଟପଡିଆରେ ରାଜମିସ୍ତ୍ରି ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସିରାଜଉଦ୍ଦିନ ଅହମ୍ମଦ ସଭାପତି, କୃପା ପାତ୍ର ଗୋରଡା ଉପ ସଭାପତି, ରଘୁନାଥ ପ୍ରଧାନ ସମ୍ପାଦକ, ସନ୍ୟାସୀ ସାହୁ ସହ ସମ୍ପାଦକ, କୋଷାଧକ୍ଷଭାବେ ଟଙ୍କଧର ଗୌଡ଼ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସଂଘର ବହୁ ସଦସ୍ୟ ଯୋଗ ଦେଇଥିଲେ।

### ୧ ଲକ୍ଷ ୧୯ ହଜାର ଟଙ୍କାର କାଠ ଧରିଲା ଭିଜିଲାନ୍ସ



**ଜୟପୁର/କୋରାପୁଟ, ୨୦।୪ (ନି.ପ୍ର./ସ୍ୱ.ପ୍ର.):** ବେଆଇନ କାଠ ଚାଲାଣବେଳେ ଜୟପୁର ଭିଜିଲାନ୍ସ ଚଢାଉ କରିଛି। ଓଡିଶା ଛତିଶଗଡ ଫରେଷ୍ଟ ବାଉଣ୍ଡିର ଜୟପୁର ବନଖଣ୍ଡର କୋଟପାଡ ଫରେଷ୍ଟ ରେଞ୍ଜର ମାଲଚମାଲ ସଂରକ୍ଷିତ ଜଙ୍ଗଲେ ଚଢ଼ାଉ କରିଛି। କାଠକୁ ଚାଲାଣ କରିବା ନେଇ ଯୋଜନା କରିଥିବା ବେଳେ ଭିଜିଲାନ୍ସ ବିଭାଗ ଚଢାଉ କରି ପଣ୍ଡ କରିଛି। ଓଡିଶା ଭିଜିଲାନ୍ସର ଫରେଷ୍ଟ ଉଇଙ୍ଗ୍‌ସ ମିଳିତ ଚଡାଉ କରି ୪୭.୭୯୫ ସିଫ୍ଟ କାଠ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୧୯ ହଜାର ୪୮୭ ଟଙ୍କା। ଏନେଇ ୪/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଡାକ୍ତର ଅଭାବ, ପ୍ରକଳ୍ପ କାମ ବିଳମ୍ବ ଦେଖି ବିଗିଡ଼ିଲେ ମନ୍ତ୍ରୀ

### ଯୋଜନା ସମୀକ୍ଷା କଲେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ

**ଉମରକୋଟ, ୨୦।୪(ସ୍ୱ.ପ୍ର.)**

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଶୋଭା କାରାଣ୍ଡଲେ ୨ଦିନିଆ ନବରଙ୍ଗପୁର ଜିଲା ଗସ୍ତରେ ଆସିଛନ୍ତି। ବୁଧବାର ସେ ଉମରକୋଟରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲ। ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର, ଡିଆର୍‌ଡିଏ ପିଡି, ଉମରକୋଟ ବିଡିଓ ଡ. ହିମାଞ୍ଚଳ ମାଝି, ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଉମରକୋଟ ସହରରେ ଥିବା ପୂର୍ବତନ ମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ମନ୍ତ୍ରୀ ପ୍ରଥମେ ପୂଜାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବା ଦେଖି ବିରକ୍ତି ପ୍ରକାଶ କରିଥିଲେ। ସେଠାରୁ ସେ ବାଟିବେଡ଼ା ହାଟିବନ୍ଧ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।



ଉମରକୋଟ ଡଙ୍ଗରି ସାହିସ୍ଥିତ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝୁଛନ୍ତି।

ଏହି ପୁନରୁଦ୍ଧାର କାର୍ଯ୍ୟ ମେଶିନ୍‌ରେ କରାଯାଉଛି। ସ୍ଥାନୀୟ ଲୋକଙ୍କୁ ଶ୍ରମ ମିଳି ନ ଥିବା ମହିଳାମାନେ ଅଭିଯୋଗ କରିଥିଲେ। ପରେ ଉମରକୋଟ ଡଙ୍ଗରିସାହିସ୍ଥିତ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ମନ୍ତ୍ରୀ ବୁଲି ଦେଖିଥିଲେ। ଧାର୍ଯ୍ୟ ସମୟ ଡେଇଁଯାଇଥିଲେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ମନ୍ତ୍ରୀ ବିଗିଡିଥିଲେ। ଚଳିତ ମାସ ଶେଷସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ଯନ୍ତ୍ରୀ ହରପ୍ରିୟା ପାତ୍ର ମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପାନୀୟଜଳ ସମସ୍ୟା ନେଇ ଡଙ୍ଗରିଗୁଡ଼ାର ଶତାଧିକ ମହିଳା ମନ୍ତ୍ରୀଙ୍କୁ ଭେଟିଥିଲେ। ପରେ ମନ୍ତ୍ରୀ ଇନାମ କେନ୍ଦ୍ରକୁ ଯାଇଥିଲେ। ଏଠାରେ ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ମକାର ଉଚିତ ମୂଲ୍ୟ ପାଉ ନ ଥିବା ମନ୍ତ୍ରୀଙ୍କୁ ଜଣାଇଥିଲେ। ପରେ ମନ୍ତ୍ରୀ ବଡ଼କୁମାରୀସ୍ଥିତ ଏମ୍.ଏସ୍ ହାଚେରି ପରିଦର୍ଶନ କରିଥିଲେ। ଏହି ଅବସରରେ ହାଚେରିର ୮ ପ୍ରକଳ୍ପର ଡେମୋ ଦେଖାଯାଇଥିଲା। ମନ୍ତ୍ରୀଙ୍କ ସହ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଉମରକୋଟ ପୌର ପରିଷଦ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କ ସମେତ ସମସ୍ତ ବିଭାଗର ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।

### ଶହୀଦ ମିନାର ପରିଦର୍ଶନ କଲେ

**ପାପଡାହାଣ୍ଡି,୨୦।୪(ଡି.ଏନ୍.ଏ.)**

କେନ୍ଦ୍ରୀୟ କୃଷି ରାଷ୍ଟ୍ରମନ୍ତ୍ରୀ ଶୋଭା କରଣ୍ଡଲ ନବରଙ୍ଗପୁର ଜିଲା ଗସ୍ତ ରେ ଆସି ବୁଧବାର ସନ୍ଧ୍ୟାରେ ପାପଡାହାଣ୍ଡି ପହଞ୍ଚିଥିଲେ। ସେ ତୁରୀ ନଦୀ ନିକଟରେ ରହିଥିବା ଶହୀଦ ମିନାର ପରିଦର୍ଶନ କରିଥିଲେ। ସେଠାରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବ୍ଲକ ଶହୀଦ କମିଟି ସଭାପତି ସୋମନାଥ ବିଷୋୟୀ ମନ୍ତ୍ରୀ ଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ସମୟରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବିଡ଼ିଓ ରଞ୍ଜିତା ମଲ୍ଲିକ, ତହସିଲଦାର ଯୋଗେଶ୍ୱର ଭୋଇଙ୍କ ସହ ଅନେକ କର୍ମୀ ଉପସ୍ଥିତ ରହିଥିଲେ। ସମୟ ଅଭାବ ଯୋଗୁ ମନ୍ତ୍ରୀ ପାପଡାହାଣ୍ଡି ଲାଲବହାଦୁର ହାଇସ୍କୁଲ ପରିଦର୍ଶନ କାର୍ଯ୍ୟକ୍ରମ ବାତିଲ କରି ନବରଙ୍ଗପୁର ଗସ୍ତ କରିଥିଲେ।

### ଦୁର୍ଘଟଣାରେ ମା, ବାପା ଗୁରୁତର ଝିଅ ଆହତ

**ଝରିଗାଁ, ୨୦।୪(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ବାଞ୍ଜିଆମ୍ବା ହନୁମାନ ମନ୍ଦିର ଛକରେ ବାଇକ ଏବଂ ବୋଲେରେ ମୁହାଁମୁହିଁ ଧକ୍କା ହେବା ଫଳରେ ଗୋଟିଏ ପରିବାରର ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗୁରୁସିଙ୍ଗା ପଞ୍ଚାୟତ ଡାବାଗୁଡା ଗ୍ରାମର ବିଷ୍ଣୁ ସାନ୍ତା (୩୮), ସ୍ତ୍ରୀ ରମ୍ଭା ସାନ୍ତା (୩୩) ଏବଂ ତାଙ୍କ ଝିଅ ରୀତା ସାନ୍ତା (୫)। ବିଷ୍ଣୁ ଏକ ବାଇକ (ଓଆର୍-୨୪ଏ-୭୫୦୩)ରେ ସ୍ତ୍ରୀ ଓ ଝିଅଙ୍କୁ ଧରି ତାରଯୋଡ଼ି ଗ୍ରାମରୁ ନିଜ ଘରକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ବୋଲେରୋ ସହ ବାଞ୍ଜିଆମ୍ବା ହନୁମାନ ମନ୍ଦିର ଛକ ନିକଟରେ ଧକ୍କା ହୋଇଥିଲା। ଏଥିରେ ବିଷ୍ଣୁଙ୍କ ମୁଣ୍ଡ ଏବଂ ବାମ ଗୋଡ଼ରେ ଆଘାତ ଲାଗିଛି। ରମ୍ଭାଙ୍କ ମଧ୍ୟ ମୁଣ୍ଡ ଏବଂ ଗୋଡ଼ରେ ମାଡ଼ ହୋଇଛି। ଏଥିରେ ବିଷ୍ଣୁ ଓ ତାଙ୍କ ସ୍ତ୍ରୀ ଆହତ ହୋଇଛନ୍ତି। ଝିଅ ରୀତା ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଏପରି ଅବସ୍ଥାରେ ଦେଖି ରାସ୍ତାରେ ଯାଉଥିବା ସ୍ୱାସ୍ଥ୍ୟକର୍ମୀ ପ୍ରସାଦ ଛାଟୋଇ, ତାଙ୍କ ସହଯୋଗୀ, ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ ସେମାନଙ୍କୁ ଉଦ୍ଧାର କରି ଝରିଗାଁ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଏବଂ ବୋଲେରୋ ଜବତ କରିଛି।

## ଦାବି ପୂରଣ ନ ହେବା ଯାଏ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ



ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭରମାନେ।

**ଡାବୁଗାଁ, ୨୦।୪ (ଡି.ଏନ୍.ଏ.)**

ରାଜ୍ୟ ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ଡାବୁଗାଁ ଶାଖା ତରଫରୁ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ବୁଧବାର ଆରମ୍ଭ ହୋଇଛି। ମଙ୍ଗଳବାର ଏହି ଆନ୍ଦୋଳନ ସମ୍ପର୍କରେ ସଂଘ ପକ୍ଷରୁ ଡାବୁଗାଁ ଥାନାରେ ସୂଚନା ଦିଆଯାଇଥିଲା। ଓଡ଼ିଶା ଡ୍ରାଇଭର ମହାସଂଘ ଚଳିତ ମାସ ୧୮ତାରିଖରେ ୧୦ ଦଫା ଦାବି ନେଇ ଭୁବନେଶ୍ୱରରେ ଶୋଭାଯାତ୍ରା କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ୩ ମାସ ସମୟ ନେଇଛନ୍ତି। ମହାସଂଘ ନିଷ୍ପତ୍ତି ଅନୁସାରେ ଜିଲାର ଡ୍ରାଇଭରମାନେ ଦାବି ପୂରଣ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସମସ୍ତ ପରିବହନ ଗାଡ଼ିକୁ ବନ୍ଦ କରି ଆନ୍ଦୋଳନ ହେବ। ଏଥିରୁ ଦୁଗ୍ଧଜାତ ଦ୍ରବ୍ୟ, ପନିପରିବା, ଔଷଧ ଓ ଫଳମୂଳ ଭଳି ଲୋକଙ୍କ ଜରୁରୀ ଜିନିଷ ନେବା ଆଣିବା କରୁଥିବା ଗାଡ଼ିଗୁଡ଼ିକୁ ବାଦ୍ ଦିଆଯାଇଛି। ସେହିପରି ପୋଲିସ, ଅଗ୍ନିସେବା ଓ ଆମ୍ବୁଲାନ୍ସ ଗାଡ଼ି ସମେତ ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହୋଇଥିବା ଯାନବାହନ ସ୍ୱାଭାବିକଭାବେ ଯାତାୟାତ କରିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଆନ୍ଦୋଳନରେ ଓଡ଼ିଶା ଡ୍ରାଇଭର ମହାସଂଘ ଡାବୁଗାଁ ବ୍ଲକ ଶାଖା ସଭାପତି ସନ୍ତୋଷ ଭତ୍ରା, ଉପସଭାପତି ଦିଲୀପ ନାୟକ, ସମ୍ପାଦକ ଅମୀର ଅଲ୍ଲୀ ଖାନ, ଯୁଗ୍ମ ସମ୍ପାଦକ ବିଶ୍ୱଜିତ ବୈଠାରୁ, କୋଷାଧକ୍ଷ ଉମାକାନ୍ତ ପାତ୍ର, ଡମ୍ବରୁ ନାୟକ, ପ୍ରଶାନ୍ତ ଭତ୍ରା, ନରେନ୍ଦ୍ର ପୂଜାରୀ, ରାମଚନ୍ଦ୍ର ହରିଜନ, ଦୟାବାନ ଭତ୍ରା, ମାଙ୍କୁ ଗୌଡ଼, ଧନେଶ୍ୱର ନାୟକ, ଗୋବିନ୍ଦ ଗୌଡ଼, ମାଣିକଚନ୍ଦ ମାଝିଙ୍କ ସମେତ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ସାମିଲ ଥିଲେ।

## ୬ ସ୍କୁଲ ବସ୍, ୪ ଅଟୋକୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା

### ପରିବହନ ବିଭାଗର ଚଢାଉ

**କୋରାପୁଟ,୨୦।୪(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ କୋରାପୁଟ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲାର କୋରାପୁଟ ଓ ସେମିଳିଗୁଡାର ବିଭିନ୍ନ ସ୍ଥାନରେ ଗାଡ଼ି ଯାଞ୍ଚ କରାଯାଇଛି। ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ସେମିଳିଗୁଡା ଅଞ୍ଚଳର ୪ ବିଦ୍ୟାଳୟରୁ ୬ଟି ବସ୍ ଏବଂ କୋରାପୁଟ ଅଞ୍ଚଳର ୪ଟି ଅଟୋକୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଥିବା କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସ ସୂଚନା ଦେଇଛନ୍ତି।

ଆର୍‌ଟିଓ ପକ୍ଷରୁ ସେମିଳିଗୁଡା ଅଞ୍ଚଳ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନବାଆଣିବା କରୁଥିବା ବସ୍‌ଗୁଡିକର କାଗଜପତ୍ର ଯାଞ୍ଚ କରାଯାଇଥିଲା। ୪ଟି ଘରୋଇ ବିଦ୍ୟାଳୟର ୬ଟି ବସ୍‌ର ଠିକ୍ କାଗଜପତ୍ର ନ ଥିବାରୁ ସେଗୁଡ଼ିକଠାରୁ ୧ ଲକ୍ଷ ୨୧ ହଜାର ଜରିମାନା କରାଯାଇଛି। ସେମିଳିଗୁଡ଼ାର ଏକ ଘରୋଇ ସ୍କୁଲ ବସ୍‌କୁ ୪ଲକ୍ଷ ଟଙ୍କା ଜରିମାନା କରାଯାଇଛି। କୋରାପୁଟ ପରିବହନ ବିଭାଗର ଟ୍ରାଫିକ୍ ଇନ୍ସପେକ୍ଟର ରାଜା ନାରାୟଣ ସ୍ୱାଇଁ, ଏଆର୍‌ଟିଓ ତପନ କୁମାର ବେଟି ଏହି ଚଢ଼ାଉରେ ସାମିଲ ଥିଲେ। ସେହିପରି କୋରାପୁଟ ସହରରେ ସ୍କୁଲ ପିଲାଙ୍କୁ ନେଉଥିବା କେତେଖ ଅଟୋକୁ ଯାଞ୍ଚ କରାଯାଇଥିଲା। ସେମାନଙ୍କ କାଗଜପତ୍ର ନ ଥିବାରୁ ୪ଟି ଅଟୋ ଉପରେ ୩୫ ହଜାର ଟଙ୍କା ଜରିମାନା ପକାଯାଇଛି।

### ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା



**କୁନ୍ଦୁରା, ୨୦।୪(ଡି.ଏନ୍.ଏ.)**

କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭ ପ୍ରସାଦ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ଆୟୁଷ୍ମାନ୍ ଭାରତ ଯୋଜନାରେ ଏକ ସ୍ୱାସ୍ଥ୍ୟମେଳା କରାଯାଇଛି। କୋରାପୁଟ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଜୋନ ଖ ଜିଲା ପରିଷଦ ସଭ୍ୟା କନକଲତା ପେନିଆ, ଉପାଧକ୍ଷ ତରଣିସେନ ବିଶୋୟୀ, କୁନ୍ଦୁରା ସରପଞ୍ଚ ଲବ ପରଜା, ବିଡିଓ ସ୍ନେହପ୍ରଭା ମାଝି, ତହସିଲଦାର ଆୟୁବ ମଣ୍ଡଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏଠାରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରିକ୍ଷା ଏବଂ ଚିକିତ୍ସା କରାଯାଇଛି। ସ୍ୱାସ୍ଥ୍ୟ ମେଳାରେ ସମୁଦାୟ ୧୦୧୦ ଜଣ ଲୋକ ଚିକିତ୍ସିତ ହୋଇଥିଲେ। ଡାକ୍ତର ହରିଶ୍ଚନ୍ଦ୍ର ପ୍ରଧାନ, ହରିଶଙ୍କର ସାହୁ, ନିତୁ ଶତପଥୀ, ଶୁଭେନ୍ଦୁ କୁମାର ପାଢୀ ସ୍ୱାସ୍ଥ୍ୟ ପରିକ୍ଷା ଓ ଚକିତ୍ସା କରିଥିଲେ। ପ୍ରକାଶ ଚନ୍ଦ୍ର ଚୌଧୁରୀ ସମସ୍ତ କାର୍ଯ୍ୟ ପରିଚଳନା କରିଥିଲେ। ଏହି ସ୍ୱାସ୍ଥ୍ୟ ମେଳା ପରିଚାଳନାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ଅଙ୍ଗନୱାଡ଼ି, ଆଶା କର୍ମୀ ଏବଂ ବିଜୁ ପଟ୍ଟନାୟକ କଲେଜ +୩ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ପାନୀୟ ଜଳ ଯୋଗାଣ ନେଇ ଦାବିପତ୍ର

**ଦଶମନ୍ତପୁର, ୨୦।୪(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଟିକାମ୍ବ ପଞ୍ଚାୟତର ସଦର ଗ୍ରାମବାସୀ ପାନୀୟ ଜଳ ସମସ୍ୟା ନେଇ ବୁଧବାର ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ଭେଟିଛନ୍ତି। ପାନୀୟ ଜଳ ସମସ୍ୟା ତୁରନ୍ତ ସମାଧାନ କରିବାକୁ ସେମାନେ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ୭୦୦ ଲୋକଙ୍କ ପାଇଁ ସାହିରେ ୩ଟି ନଳକୂପ ଅଛି। ଖରା ଯୋଗୁ ଦୁଇଟି ନଳକୂପର ପାଣି ଶୁଖିଯାଉଛି। ଗୋଟିଏ ନଳକୂପରୁ ପାଣି ଆସୁଥିବାରୁ ଗରାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି ବୋଲି ହରିଜନ ସାହିବାସୀ କହିଛନ୍ତି। ୨୮ ମାର୍ଚ୍ଚ ୨୦୨୧ରେ ୧୭ ଲକ୍ଷ ବ୍ୟୟ ଅଟକଳରେ ଟିକାମ୍ବବାସୀଙ୍କ



ବିଡିଓଙ୍କୁ ଭେଟିବାକୁ ଆସିଥିବା ମହିଳାମାନେ ।

ପାନୀୟ ଜଳସଙ୍କଟ ଦୂର ନେଇ ଏକ ମେଗା ପ୍ରକଳ୍ପ ନିର୍ମାଣ କରାଯାଇଥିଲା, ଯାହା ମାସକ ମଧ୍ୟରେ ଖରାପ ହୋଇଯାଇଥିଲା। ଆଜିଯାଏ ତାହାର ମରାମତି ହୋଇ ନ ଥିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବିଡିଓ ଦାବିପତ୍ର ପାଇବା ପରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ-୨ ଏସ୍.ଏ. କୁରେଶୀଙ୍କୁ ଡକାଇ ଏ ସମ୍ପର୍କରେ ପଚାରିଥିଲେ। ଉକ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ମରାମତି କରି ଗ୍ରାମବାସୀଙ୍କୁ ଖୁବ୍‌ଶୀଘ୍ର ପାନୀୟଜଳ ଯୋଗାଇବାକୁ ବିଡିଓ ଯନ୍ତ୍ରୀ କୁରେଶୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସୁକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚକ୍ଷୁ ପରୀକ୍ଷା

**ଦାମନଯୋଡି,୨୦।୪(ଡି.ଏନ୍.ଏ.)**



କୋରାପୁଟ ବ୍ଲକର ସୁକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୋରାପୁଟ ଜିଲା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ସୁକୁ ଓ ଲଙ୍କାପୁଟ ପଞ୍ଚାୟତର ପିଟେଇ, କେଟଲା,ବଡ଼ସୁକୁ,କାଲଟୁର୍, ଟିଆଡିପୁଟ,ମାଳିଗୁଡ଼ା, ଗୁଲେଲପୁଟ, ପରଜାମୁନ୍ଦାର ଓ ଗିଲାଗୁଡ଼ା ଆଦି ଗ୍ରାମର ୩୮ଜଣ ନିଜ ଆଖି ପରିକ୍ଷା କରାଇଥିଲେ। ସେଥି ମଧ୍ୟରୁ ୮ଜଣଙ୍କର ମୋତିଆବିନ୍ଦୁ ଥିବା ଓ ଅନ୍ୟ ଜଣେ ଜଟିଳ ରୋଗୀଙ୍କ ସହିତ ୨ଜଣଙ୍କ ଦୃଷ୍ଟିଦୋଷ ଚିହ୍ନଟ ହୋଇଛି। ମୋତିଆବିନ୍ଦୁ ଓ ଅନ୍ୟ ଜଟିଳ ରୋଗୀଙ୍କ କୋରାପୁଟରେ ମାଗଣା ଚିକିତ୍ସା ହେବ। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋ, ସୁକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା ସୋହନ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁ ପରୀକ୍ଷା କରିଥିଲେ। ପିଏଚଇଓ ମକର ଜାନି,ସୁପରଭାଇଜର ଜଗନ୍ନାଥ ବିଶ୍ୱାସରାୟ,ଫାର୍ମାଶିଷ୍ଟ ଜ୍ୟୋତି ପ୍ରକାଶ ମହାପାତ୍ର, ନର୍ସିଂ ଅଧିକାରିଣୀ ରଜନୀ ଟାକ୍ରୀ, ସ୍ୱାସ୍ଥ୍ୟକର୍ମୀ ସସ୍ମିତା ସାହୁ, ପ୍ରମିଳା ପାତ୍ର, ପାନୁଏଲ୍ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିନଦାସ ଖିଲ, କଳ୍ପିନାଶ ଗୌଡ଼, ପଦ୍ମେଶ୍ୱର ଖରାଙ୍କ ସହିତ ଆଶାକର୍ମୀ ଦାସୁ ଟାକ୍ରୀ, ତୁଳା କିଷାନି, ଚାଟନ ସୁକି, ଡଲି ମାଝୀ, ନବିନା ପାଙ୍ଗି, ମଙ୍ଗୁଳି ହନ୍ତାଳ ପ୍ରମୁଖ ସହଯୋଗ କରିଥିଲେ।

## ପଣା ଖାଇ ଫେରିଲେ ମାଁ ବୁଢ଼ୀ ଠାକୁରାଣୀ , ଚୈତ୍ରାଇ

**ନାରାୟଣପାଟଣା, ୨୦।୪(ଡି.ଏନ୍.ଏ.)**

କୋରାପୁଟ ଜିଲା ନାରାୟଣପାଟା ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମାଁ ବୁଢୀ ଠାକୁରାଣୀ ଏବଂ ମାଁ ଚୈତ୍ରାଇଙ୍କ ଘଟ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ମା'ଙ୍କ ଏହି ଯାତ୍ରା ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବୁଧବାର ଭୋରରୁ ବାଘ ନାଚ ସରିବା ପରେ ମାଁଙ୍କ ପାଖରେ ନିଆଁ ପଣା, ପଶୁ ପକ୍ଷୀ ବଳି ଦିଆଯାଇଥିଲା। ଏଥିସହ ମାଁ ଦାଳିରେ ଝୁଲିଥିଲେ। ପାଲକୋଣ୍ଡା ସାହିର ଏବଂ ବାଉରୀ ସାହିରେ ଦେବୀଙ୍କ ମଣ୍ଡପରେ ପୂଜାର୍ଚ୍ଚନା କରାଯିବା ପରେ ମାଁ ମେଲଣି ନେଇଥିଲେ। ଦିନ୧୨ଟାରେ ଗୁଡ଼ିକୁ ଫେରିଥିଲେ ମାଁ। ୯ ଦିନ ଧରି ଏହି ଅଞ୍ଚଳରେ ଭକ୍ତିମୟ ପରିବେଶ ଥିଲା। ବଡ଼ ପୂଜାରୀ ବୋଇନା ଶୀବାଜୀ, ସାନ ପୂଜାରୀ ବୋଇନା ଗୌରୀ ପୂଜା କରିଥିଲେ। ଘରେ ଘରେ ଭୋଗ ଖାଇବା ପରେ ରବିବାର ଗାଁ ବନ୍ଧନ କରି ଚୈତ୍ରାଇଙ୍କ ପୂଜକ ଗାଁ ମୁଣ୍ଡରେ ମାଁ ଙ୍କୁ ଆରାଧନା କରି ବଡ଼ ଠାକୁରାଣୀ ଙ୍କ ଆଗମନ କରାଇଥାନ୍ତି। ସୋମବାର ଏବଂ ମଙ୍ଗଳବାର ଦୁଇ ଦିନ ଗାଁର ପ୍ରତ୍ୟକ ଘରେ ଭୋଗ ଖାଇଥାନ୍ତି। ମାଁ ଚୈତ୍ରାଇ ଙ୍କ ଆଗମନ ଦିନ ରାତିତମାମ ମାଁଙ୍କୁ ଗାଁ କୁ ନିମନ୍ତ୍ରଣ କରିବା ସହ ଚାରି ପ୍ରକାର ବାଜା, ମହୁରୀ, ଝୁଣା, ବଦୁ, ଘଣ୍ଟ ଧ୍ୱନୀରେ ମାଁ ଙ୍କୁ ଗାଁକୁ ଅଣାଯାଏ। ଏହି ସମୟରେ ଆତସବାଜି ଶବ୍ଦରେ ଗାଁ ଦୁଲୁକିଥାଏ। କମିଟି ସଭାପତି ପି ନବୀନ ସୁବୁଦ୍ଧି, ସମ୍ପାଦକ ଦୟା ପ୍ରଧାନ, କ୍ୟାସିୟର ରମେଶ ଦାସ ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।



## ଆଜିଠୁ କାମରେ ଯୋଗଦେବେ ସେବା ପେପର ମିଲ୍ ଶ୍ରମିକ

### ଶ୍ରମ ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ, ଶ୍ରମିକଙ୍କ ମିଳିତ ବୈଠକ

**ଜୟପୁର, ୨୦।୪(ନି.ପ୍ର.)**

ଜୟପୁର ଡିଭିଜନର ଯୁଗ୍ମ ଶ୍ରମ କମିଶନରଙ୍କ ଅଧ୍ୟକ୍ଷତା ଏବଂ କୋରାପୁଟ ଡିଏଲ୍‌ଓଙ୍କ ଉପସ୍ଥିତିରେ ୟୁନିଟ୍ ସେବା କାଗଜକଳ ଶ୍ରମିକ କର୍ମଚାରୀ ସଂଘ ଓ ମ୍ୟାନେଜମେଣ୍ଟ ପ୍ରତିନିଧିଙ୍କ ଏକ ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜମେଣ୍ଟ ପକ୍ଷରୁ ବେସିକ୍ ଡିଏ ଭିଡିଏ ଓ ଦରମାରେ ମିଳୁଥିବା ଭତ୍ତାରୁ ୪୦୦ ଟଙ୍କା ସହ ଅନ୍ୟ ସୁବିଧା ପ୍ରଦାନ ଓ ଚାକିରି ସର୍ତ୍ତାବଳୀ କାଟ୍‌ଛାଣ୍ଟ କରି ପ୍ରସ୍ତାବ ଦେଇଥିଲେ। ତାହାକୁ ଶ୍ରମିକ ସଙ୍ଗଠନ କାର୍ଯ୍ୟକାରୀ କମିଟି ଅଗ୍ରାହ୍ୟ କରି ଦେଇଛନ୍ତି। କିନ୍ତୁ ଉତ୍ପାଦନ ଆରମ୍ଭ କରିବା ପାଇଁ ସବୁ ପ୍ରକାର ସହଯୋଗ କରିବାକୁ ଘୋଷଣା କରାଯାଇଛି। ଗୁରୁବାରଠାରୁ ଶ୍ରମିକ, କର୍ମଚାରୀମାନେ ନିଜ ଶିଫ୍ଟରେ କାର୍ଯ୍ୟ କରିବେ।

ସୂଚନାନୁଯାୟୀ, ମାର୍ଚ୍ଚ ୨୦ରେ କାଗଜକଳ ମ୍ୟାନେଜମେଣ୍ଟ ଜବରଦସ୍ତ ଓଭର ଟାଇମ୍ କରିବାକୁ ଶ୍ରମିକଙ୍କୁ ବାଧ କରିବା ସହ ପୁରୁଣା ଦରମା କାଟିକୁଟି ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ହାରରେ ବେତନ ଏବଂ ଓଭରଟାଇମ୍ ଦେବାକୁ ନୋଟିସ ଦେଇଥିଲେ। ତାହାକୁ ଶ୍ରମିକମାନେ ବିରୋଧକରି କାର୍ଯ୍ୟବନ୍ଦ କରିଥିଲେ। ଫଳରେ ଉତ୍ପାଦନ



ବାଧାପାଇଥିଲା। ପୂର୍ବରୁ ୨୦୦ ଟନ୍ ଦୈନିକ ଉତ୍ପାଦନ ପାଇଁ ୬୦୦ ଶ୍ରମିକ ଥିବାବେଳେ ଏବେ ୩୦୦ ଅଛନ୍ତି। ଶ୍ରମିକଙ୍କ ଉପରେ କାର୍ଯ୍ୟଭାର ବଢ଼ିବା ସହ ୨୦୧୪ ରେ ହୋଇଥିବା ଦରମାରୁ ମଧ୍ୟ କାଟିବା ପାଇଁ ଜିଦ୍ କରୁଛି ମ୍ୟାନେଜମେଣ୍ଟ। ଶ୍ରମିକଙ୍କ ଯିବା ଆସିବା ପାଇଁ ତିନି ଚାରି ଦିନ ମଧ୍ୟରେ ମ୍ୟାନେଜମେଣ୍ଟ ପରିବହନ ସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛି। ଶ୍ରମିକ ସଙ୍ଗଠନଗୁଡ଼ିକ ମ୍ୟାନେଜମେଣ୍ଟର ଦରମା ପ୍ରସ୍ତାବକୁ ଅଗ୍ରାହ୍ୟ କରି ଆଲୋଚନା ଜାରି ରଖିବା ସହ ଆଇନଗତ ଭାବେ ଅଧିକାର ସୁରକ୍ଷିତ ରଖିବା ପାଇଁ ଘୋଷଣା କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଏହାର ସମାଧାନ ବାଟ ବାହାର କରାଯିବ ବୋଲି ଶ୍ରମିକ ସଙ୍ଗଠନ କହିଛନ୍ତି। ପ୍ରକାଶ ଯେ, ବିଜିପିପିଏଲ୍‌ର ମାଲିକ ହାଇଦ୍ରାବାଦସ୍ଥିତ ମଦର ଆର୍ଥ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ କମ୍ପାନୀକୁ ସେବା କାଗଜକଳକୁ ୨୦୨୦ ଫେବୃୟାରୀରେ ବିଜ୍‌ନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ଅନୁସାରେ ହସ୍ତାନ୍ତର କରିଛନ୍ତି। ଉକ୍ତ ନୂଆ କମ୍ପାନୀ ୨୦୨୦ ଜୁନ୍ ୮ରେ ଏହି କାଗଜକଳ ଚଳେଇବା ପାଇଁ ବ୍ୟାଙ୍କରୁ ୧୫୦ କୋଟି ଟଙ୍କା ଋଣ ନେଇଛନ୍ତି। ଅବସରପ୍ରାପ୍ତ ଶ୍ରମିକଙ୍କ ଇପିଏଫ୍ ଜମା କରିବା, ସେମାନଙ୍କ ସମସ୍ତ ପାଉଣା, ବକେୟା ଦରମା ବିଷୟ ସମାଧାନ ହେବାକୁ ଥିବାବେଳେ ଶ୍ରମିକମାନେ ଉତ୍ପାଦନରେ ସହଯୋଗ କରୁନାହାନ୍ତି ଏବଂ ସେଥିପାଇଁ ଦରକାର ପଡ଼ିଲେ କ୍ଲୋଜର ବା ବନ୍ଦ କରିବା ପାଇଁ କମ୍ପାନୀ ନୋଟିସ ଜାରି କରିଛି। ନୂଆ କମ୍ପାନୀକୁ ଏଭଳି କୌଣସି ସୁଯୋଗ ନ ଦେଇ ସ୍ଥାନୀୟ ଅଞ୍ଚଳର ସ୍ୱାର୍ଥକୁ ଜଗି କାମ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରମିକମାନେ କହିଛନ୍ତି। ବୈଠକରେ ମ୍ୟାନେଜମେଣ୍ଟ ପକ୍ଷରୁ ଏସ୍.ଏସ୍. ପାଲ୍, ମନୋଜ ଗୁପ୍ତା, ରମେଶ ଯାଦବ, ଲବ୍ ଶର୍ମା ଓ ଶ୍ରମିକ ସଂଗଠନ ପକ୍ଷରୁ ପ୍ରମୋଦ ମହାନ୍ତି, ଜୟନ୍ତ ସାନ୍ତ୍ରା, ସୁନୀଲ ପ୍ରହରାଜ, ଧୀରେନ୍ଦ୍ର ମହାନ୍ତି , ପ୍ରଦୀପ ପାଣ୍ଡିଆ, ସରୋଜ ସୁଆର, ବାଳକୃଷ୍ଣ ପ୍ରଧାନ , ଅମନ୍ ଉଜବିନ୍ ନାୟକ, ସଞ୍ଜୀବ ଦାଶ , ବନମାଳୀ ପାତ୍ର , ସନ୍ଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାର୍ଯ୍ୟଭାର ନେଲେ ନୂତନ ବିଡିଓ



**କୋଲନରା,୨୦ା୪(ଡି.ଏନ୍.ଏ.):** ରାୟଗଡ଼ା ଜିଲା କୋଲନରା ବ୍ଲକରେ ବୁଧବାର ନୂତନ ବିଡିଓ ଗୌରହରି ପଟ୍ଟନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ କାଶୀପୁର ବ୍ଲକରେ କାର୍ଯ୍ୟ କରୁଥିଲେ। ପୂର୍ବତନ ବିଡିଓ ତାପସ ଭୋଇଙ୍କୁ କଲ୍ୟାଣସିଂହପୁର ବଦଳି ପରେ ବୁଧବାର ସେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବିଦାୟୀ ବିଡିଓ କୋଲନରାରେ ୨୦୧୮ରୁ ବ୍ଲକ ଦାୟିତ୍ୱ ନେଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଆଗେଇ ନେଇଥିଲେ। ସେହିଭଳି ନୂତନ ବିଡିଓ ଦାୟିତ୍ୱ ନେବାପରେ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏବିଡିଓ ନରସିଂହ ଚରଣ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ନୂତନ ବିଡିଓଙ୍କୁ ସ୍ୱାଗତ କରିଥିଲେ।

### ଦାୟିତ୍ୱ ନେଲେ ବିଷମକଟକ ବ୍ଲକ ଉପାଧ୍ୟକ୍ଷ



**ବିଷମକଟକ,୨୦ା୪(ଡି.ଏନ୍.ଏ.):** ରାୟଗଡା ଜିଲା ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୁଧବାର ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ଦାୟୀତ୍ୱ ଗ୍ରହଣ କରିଛନ୍ତି। ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏସ୍. ବାବୁରାଓ, ବିଡିଓ ଏହି ଅବସରରେ ଉପସ୍ଥିତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ବ୍ଲକ କର୍ମଚାରୀମାନେ ନୂତନ ଉପାଧ୍ୟକ୍ଷଙ୍କୁ ସ୍ୱାଗତ କରିଛନ୍ତି। ଜିଲା ଯୁବ ବିଜେଡି ସମ୍ପାଦକ ଡି. ଶିବ ପ୍ରସାଦ, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ରାଜ୍ୟ ଖଦିବୋର୍ଡ ସଦସ୍ୟ ପଥିରାଜ ସାହୁ, ଜ୍ୟୋତି ସାହୁ, ରବିନ୍ଦ୍ରନାଥ ପଣ୍ଡା, ଖଗେଶ୍ୱର ସାହୁ ଏବଂ ବହୁ ଦଳୀୟ କର୍ମୀ ମଧ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ତାର ଲାଗି ରୋଷେୟା ମୃତ

**ପାତ୍ରପୁର,୨୦ା୪(ଡି.ଏନ.ଏ.):** ଜରଡ଼ା ଥାନା ଗୁଣ୍ଡୁରା ଗ୍ରାମରେ ବୁଧବାର ଭୋରରେ ବିଦ୍ୟୁତ୍ ତାର ଲାଗି ଜଣେ ରୋଷେୟାଙ୍କ ମୃତ୍ୟୁ ଘଟିଛି। ମୃତ ରୋଷେୟା ହେଲେ ଦିଗପହଣ୍ଡି ବ୍ଲକ ଧାନରାସି ଗ୍ରାମର ନୂତନ ସାହୁ (୩୩)। ଗୁଣ୍ଡୁରା ଗ୍ରାମର ଜଣେ ବ୍ୟକ୍ତିଙ୍କ ବାହାଘର ଭୋଜି ରୋଷେଇ କରିବା ପାଇଁ ନୂତନ ଯାଇଥିଲେ। ପାହାନ୍ତିଆ ସମୟରେ ଗରମ ହେବା ଯୋଗୁ ପାଖରେ ଥିବା ପଙ୍ଖା ଲଗେଇବା ପାଇଁ ଚେଷ୍ଟା କରିଥିଲେ। ସେ ସମୟରେ ହାତରେ ବିଦ୍ୟୁତ୍ ତାର ଲାଗିଯାଇଥିଲା।

### ମାଲକାନଗିରିରେ ଗୋଷ୍ଠୀ ସ୍ୱାସ୍ଥ୍ୟମେଳା



**ମାଲକାନଗିରି,୨୦ା୪(ଡି.ଏନ୍.ଏ.):** ମାଲକାନଗିରି ସଦର ବ୍ଲକସ୍ଥିତ ଉଡୁପା ପଞ୍ଚାୟତର ଆକୁର ଗ୍ରାମରେ ବୁଧବାର ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୁଲ୍ୟରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ବ୍ଲକ୍ ଅଧକ୍ଷା ଗୌରୀ ପଡ଼ିଆମି ମୁଖ୍ୟ ଅତିଥିଭାବେ ଯୋଗଦେଇ କା ଏହାର ଉଦ୍‌ଘାଟନ କରିଥିଲେ। ଶିବିରରେ ୭୮୧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ଔଷଧ ଓ ଉପଯୁକ୍ତ ପରାମର୍ଶ ଦିଆଯାଇଥିଲା। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ପ୍ରଫୁଲ୍ଲ କୁମାର ନନ୍ଦ, ଡା. ସନ୍ଧ୍ୟାରାଣୀ ପଟ୍ଟନାୟକ, ଡା. ପ୍ରଫୁଲ୍ଲ ବେହେରା, ଡିଏମ୍ଆର୍‌ସିଏଚ୍ ବନବିହାରୀ ମିଶ୍ର, ବିଭିଡି ଅଜିତ ଦଲେଇ, ଉପ ନିର୍ଦ୍ଦେଶକ ମଶାବାହିତ ରୋଗ ଡା. ଧନେଶ୍ୱର ମହାପାତ୍ର, ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନ, ବ୍ଲକ ସ୍ତରୀୟ ସମସ୍ତ ଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ମହିଳା ନେତ୍ରୀ ତଥା ଉଡୁପା ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ ଗଙ୍ଗା ମାଡକାମି ଓ ସମସ୍ତ ବୋର୍ଡ ସଭ୍ୟ, ସମସ୍ତ ଆଶା, ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ସହ ଯୋଗ ଥିଲେ।

# ସମସ୍ତଙ୍କ ସହଯୋଗରେ ବାଲ୍ୟବିବାହ ମୁକ୍ତ ହେବ ଜିଲା

### ବାଲ୍ୟବିବାହ ନିଷେଧ, କିଶୋର ସଶକ୍ତୀକରଣ ଅଭିଯାନ

ମାଲକାନଗରି,୨୦ା୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦରସ୍ଥିତ ସରକାରୀ ନୋଡାଲ ହାଇସ୍କୁଲରେ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ବାଲ୍ୟ ବିବାହକୁ ନିଷେଧ ଓ କିଶୋର ସଶକ୍ତୀକରଣକୁ ନେଇ ୫୦ ଦିନିଆ ଅଭିଯାନ ଚାଲିଛି। ଏହି ଅବସରରେ ବୁଧବାର ବ୍ଲକ ସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଇଓ କିଶୋର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା କର୍ମଶାଳାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଚନ୍ଦନ ମିଶ୍ର, ବିଦ୍ୟାଳୟର




କର୍ମଶାଳାରେ ଉପସ୍ଥିତ ବିଇଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଅନ୍ୟମାନେ।

ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ବିଶ୍ୱାସ ଦାମ୍ପତ୍ୟ ଜୀବନରେ ଏହାର କୁପ୍ରଭାବ ଯୋଗଦେଇ ବାଲ୍ୟ ବିବାହ ଯୋଗୁ ପଡୁଥିବା ବୁଝାଇଥିଲେ। ବାଲ୍ୟବିବାହ ଦ୍ୱାରା ଶରୀରରେ ରକ୍ତହୀନତା ସହ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ। ତେଣୁ ବାଲ୍ୟ ବିବାହକୁ ଜିଲାରୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ହେଲେ ସମସ୍ତ ବର୍ଗର ଲୋକଙ୍କ ସହଯୋଗ ଜରୁରୀ। ଏ ଦିଗରେ ପ୍ରଶାସନକୁ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି। ସମସ୍ତେ ସଚେତନ ହୋଇ ବାଲ୍ୟ ବିବାହ ନ କରି ପାଠ ପଢ଼ାରେ ମନ ମନ ଦେବା ଜରୁରୀ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଜିଲାରେ ପୂର୍ବ ତୁଳନାରେ ବାଲ୍ୟ ବିବାହ ସଂଖ୍ୟା କମିଛି। ମୋଟ ୧୭୪ ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଘୋଷଣା କରାଯାଇଛି। ଏଥିରେ ସମସ୍ତ ଏବିଇଓ, ସିଆର୍‌ସିସି, ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗ ଦେଇଥିଲେ।



କେନ୍ଦ୍ରମନ୍ତ୍ରୀ ସୋମ୍ ପ୍ରକାଶ ମା' ମଝିଘରିଆଣୀଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

# ମଝିଘରିଆଣୀଙ୍କୁ ଦର୍ଶନ କରି ଫେରିଲେ କେନ୍ଦ୍ର ମନ୍ତ୍ରୀ

ରାୟଗଡ଼ା ଅଫିସ,୨୦ା୪

କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ବିଭାଗ ମନ୍ତ୍ରୀ ସୋମ ପ୍ରକାଶ ଆକାଂକ୍ଷୀ ଜିଲା ରାୟଗଡ଼ାକୁ ଦୁଇ ଦିନିଆ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ବୁଧବାର ଫେରିଛନ୍ତି। ମଙ୍ଗଳବାର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ପିଡିଙ୍କ ସାମତ ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବୁଧବାର ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ବିଶାଖାପାଟଣା ଫେରିଛନ୍ତି।

# ଭିକାରୀ ବେଶଧରି ଚୋରି କରୁଥିଲେ



### ୪ ଜଣିଆ ଚୋର ଗ୍ୟାଙ୍ଗ୍ ଗିରଫ

କାଳିମେଳା,୨୦ା୪(ଡି.ଏନ.ଏ.)

ମାଲାକାନଗିରି ଜିଲା କାଲିମେଳା ଥାନା ଅଞ୍ଚଳରେ ବାରମ୍ବାର ଚୋରି ଅଭିଯୋଗ ହେଉଥିଲା। କାଲିମେଳା ସଦର ଅଞ୍ଚଳରେ ଜଣଙ୍କ ଘରୁ ଚୋରି ମାମଲାର ତଦନ୍ତବେଳେ ପୋଲିସ ତଦନ୍ତ କରି ଚୋର ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ନବରଙ୍ଗପୁର ଜିଲା ହିଡିଲିଡଙ୍ଗରି ଅଞ୍ଚଳର ମହମ୍ମଦ ଇର୍‌ମାନ, ଶିବ ଗୌଡ଼, ମମତା ଗୌଡ଼ ଓ ମନୀଷା ଦେଗମ୍। ତେବେ ଅଞ୍ଚଳରେ ହୋଇଥିବା ବିଭିନ୍ନ ଚୋରିରେ ଏମାନଙ୍କ ସମ୍ପୃକ୍ତି ନେଇ ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, କାଲିମେଳା ସଦରସ୍ଥିତ ପୁରୁଣା ମେଡିକାଲ କଲୋନିରେ ରହୁଥିବା ରାଜେନ୍ଦ୍ର ଭୂୟାଁଙ୍କ ଘରୁ ଗତ ୧୬ ତାରିଖରେ ଚୋରି ହୋଇଥିବା ନେଇ ତାଙ୍କ ଝିଅ ରୀନା ୧୮ ରେ ଥାନାରେ ଅଭିଯୋଗ କରିଥିଲେ। ଭିକ ମାଗିବା ବାହାନାରେ ଘରକୁ ଯାଇଥିବାବେଳେ କେହି ନ ଥିବାର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ଘରେ ପଶି କଳାକନା ବୁଲାଇଥିଲେ। ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରଘୁନାଥ ମାଝି ସୂଚନା ଦେଇଛନ୍ତି । ଚୋରି ହୋଇଥିବା ସମାଗ୍ରୀ ଗୁଡିକ ମଧ ସେମାନଙ୍କ ଠାରୁ ଉଦ୍ଧାର କରାଯାଇଛି । ଏହି ଗୋଷ୍ଠୀ ଚୋରି ଉଦ୍ଦେଶ୍ୟରେ କାଲିମେଳା ଅଞ୍ଚଳକୁ ଆସି ଛଦ୍ମ ବେଶରେ ଭିକ ମାଗିବା ବାହାନାରେ ଘରକୁ ଘର ଯାଉଥିଲେ। ତାଲା ପଡ଼ିଥିବା ଘର ଦେଖି ଚୋରି କରୁଥିଲେ। ଅଭିଯୁକ୍ତମାନେ ଏହାକୁ ସ୍ୱୀକାର କରୁଥିବା ପୋଲିସ କହିଛି। ତେବେ ପୂର୍ବରୁ ହୋଇଥିବା ଚୋରି ମାମଲାଗୁଡ଼ିକରେ ଏମାନଙ୍କ ସମ୍ପୃକ୍ତି ରହିଛି କି ନାହିଁ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

# ସାଇପ୍ରିୟାନଗରରେ ଫାଣ୍ଡି ପ୍ରତିଷ୍ଠା ଦାବି

ରାୟଗଡ଼ା ଅଫିସ, ୨୦ା୪

ସାଇପ୍ରିୟାନଗରରେ ଏକ ଫାଣ୍ଡି ନଚେତ୍ ଏକ ଆଉଟ୍ ପୋଷ୍ଟ ପ୍ରତିଷ୍ଠା ନିମନ୍ତେ ସାଇପ୍ରିୟା ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି। ଏସ୍‌ପିଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ଏଡିଏମ୍ ଦାବିପତ୍ର ଗ୍ରହଣ କରିଥିଲେ। ସାଇପ୍ରିୟାନଗର, ରଇତ କଲୋନି, ତୁମ୍ବିଗୁଡ଼ା ହାଉସିଂ ବୋର୍ଡ କଲୋନିରେ ପ୍ରାୟତଃ ୭ ହଜାର ଲୋକ ରହୁଛନ୍ତି। ସ୍ଥାନୀୟ ଥାନାଠାରୁ ଏହି ଅଞ୍ଚଳ ଦୂରରେ ହୋଇଥିବାରୁ ଏଠାରେ ଅସାମାଜିକ ବ୍ୟକ୍ତିମାନେ ଚୋରି ଡକାୟତି ଓ ଲୁଟ୍ ସହ ମହିଳାଙ୍କୁ ଅସଦାଚରଣ କରୁଛନ୍ତି। ଏପରିକି ଦିନରେ ମଧ ଅନେକ ଚୋରି ଘଟଣା ହେଉଛି। ତେଣୁ ଏହି ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ହୋଇଛି। ନନ୍ଦକିଶୋର ଚୌଧୁରୀ ସଭାପତି, ସମ୍ପାଦକ ଦୟାନନ୍ଦ ଖାଡ଼ଙ୍ଗାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଗୁଣପୁର କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ



ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଗୁଣପୁର,୨୦ା୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ମୋହନ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଗୁଣପୁର ଏସ୍‌ଡିପିଓ ଅଜୟ କୁମାର ବାରିକ ମଞ୍ଚାସୀନ ଥିଲେ। ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଅଧ୍ୟାପକ ଜଗନ୍ନାଥ ଦୀପ୍ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷ ବାମଦେବ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ ଶଶିଭୂଷଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପକ ତଥା ଛାତ୍ର ସଂସଦର ଉପଦେଷ୍ଟା ସୂର୍ଯ୍ୟନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମାଲକାନଗିରିରେ ପ୍ରଥମ ପର୍ଯ୍ୟାୟ ପ୍ରବନ୍ଧ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀମାନେ।

### ଆଜାଦୀ କା ଅମୃତ ମହୋତ୍ସବ

ମାଲକାନଗିରି,୨୦ା୪(ଡି.ଏନ୍.ଏ.)

ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଆକାଂକ୍ଷୀ ଜିଲା ମାଲକାନଗିରିରେ ପ୍ରଥମ ପର୍ଯ୍ୟାୟରେ ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାସ୍ତରୀୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। 'ସ୍ଥାନୀୟ ଶାସନ ବ୍ୟବସ୍ଥାର ଉନ୍ନତି ସହ ଭାରତର ପରିବର୍ତ୍ତନ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ନିଜସ୍ୱ ମତ ରଖିଥିଲେ। ପରବର୍ତ୍ତି ସମୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ବିରସେନ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତେକଙ୍କ ନିଜସ୍ୱ ଉନ୍ନତ ଚିନ୍ତାଧାରା ଦ୍ୱାରା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହ ଭାରତକୁ ସମୃଦ୍ଧ କରା ଯାଇପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମକୁ ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ତଥା ନୋଡାଲ ଅଫିସର ହରମୋହନ ବିଶ୍ୱାଳ ପରିଚାଳନା କରିଥିବା ବେଳେ ପିରାମଲ୍ ଫାଉଣ୍ଡେସନର ଗାନ୍ଧୀ ଫେଲୋ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପରବର୍ତ୍ତୀ ପର୍ଯ୍ୟାୟରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲାସ୍ତରୀୟ ପ୍ରବନ୍ଧ, ତର୍କ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ବଟି ମାଗିବା ଅଭିଯୋଗରେ ୨ ଗିରଫ

ଆର.ଉଦୟଗିରି,୨୦ା୪(ଡି.ଏନ.ଏ.)

ଛେଳିଗଡ ଜଳ ପ୍ରକଳ୍ପ ନିର୍ମାଣ ସକାଶେ କୁଆଁପଡା ଗ୍ରାମ ନିକଟରେ ସାରଳା ପ୍ରୋଜେକ୍ଟ ତରଫରୁ କାମ ଚାଲିଛି। ଉକ୍ତ କ୍ୟାମ୍ପର ମ୍ୟାନେଜର ବିଏଚ୍ ନାଗରାଜୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଛି। ଗତ ୧୮ ତାରିଖ ସନ୍ଧ୍ୟାରେ ଉକ୍ତ କ୍ୟାମ୍ପକୁ ଆସି ନାଗରାଜୁଙ୍କୁ ୪୦ ହଜାର ଟଙ୍କା ବଟି ମାଗିବା ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ତପ୍ତପାଣିର ସନ୍ତୋଷ କୁମାର ପାଣିଗ୍ରାହୀ ଓରଫ ମୁନା ଏବଂ ମହେନ୍ଦ୍ରଗଡର କୁରେଶ ଦଳାଇ। ବଟି ନ ଦେଲେ ଉଭୟେ ନାଗରାଜୁଙ୍କୁ ଜୀବନରେ ମାରି କରିଦେବେ ଏବଂ ଗାଡି, ମଟର ପୋଡି କାମ ବନ୍ଦ କରିବେ ବୋଲି ଉଭୟେ ଧମକ ଦେଇ ଚାଲି ଯାଇଥିଲେ। ମଙ୍ଗଳବାର ଅପରାହ୍ନରେ ଉଭୟେ ପୁଣି ଜୋରଜବରଦସ୍ତ କ୍ୟାମ୍ପ ଭିତରେ ପଶି ମ୍ୟାନେଜରଙ୍କୁ ବଟି ମାଗିଥିଲେ। ବଟି ନ ଦେଲେ ଜୀବନରେ ମାରି ଦେବେ ବୋଲି ଧମକ ଦେଇଥିଲେ। ମ୍ୟାନେଜର କୌଣସି ପ୍ରକାରେ ଖସି ଆସି ଏ ନେଇ ଆର.ଉଦୟଗିରି ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ ନଂ. ୫୩/୨୨ ପୋଲିସ ମାମଲା ରୁଜୁକରି ଦୁଇ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲଣ କରାଯାଇଛି।

# ସ୍ୱାସ୍ଥ୍ୟସେବା ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ



ସ୍ୱାସ୍ଥ୍ୟମେଳାରେ ଉପସ୍ଥିତ ଅତିଥିମାନେ।

### ପଦ୍ମପୁରରେ ଗୋଷ୍ଠୀ ସ୍ୱାସ୍ଥ୍ୟମେଳା

ପଦ୍ମପୁର,୨୦ା୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ବୁଧବାର ଗୋଷ୍ଠୀ ସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କରୋନା ପରେ ଲୋକଙ୍କ ମନୋବଳକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆୟୁଷ୍ମାନ ଭାରତ ଯୋଜନା କରାଯାଇଛି। ଏହି ଲକ୍ଷ୍ୟ ପୁରଣ କରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଛି।

ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ସରୋଜ କୁମାର ବିନ୍ଧାଣୀଙ୍କ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ମେଳାରେ ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ ଯୋଗଦେଇ ସରକାରଙ୍କ ସ୍ୱାସ୍ଥ୍ୟ ସେବାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ରହିଥିବା ଜନହିତକର ଯୋଜନା, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦିଆଯାଇଥିବା ହେଲ୍‌ଥ କାର୍ଡ ଦ୍ୱାରା ରୋଗୀ ପାଉଥିବା ବିଭିନ୍ନ ସେବା ଉପରେ ଲୋକଙ୍କୁ ବୁଝାଇଥିଲେ। ଉକ୍ତ ସ୍ୱାସ୍ଥ୍ୟ ମେଳାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭେଷଜ ବିଶେଷଜ୍ଞ, ଅସ୍ତ୍ରୋପଚାର ବିଶେଷଜ୍ଞ, ପ୍ରସୂତି ରୋଗ ବିଶେଷଜ୍ଞ, ପାଥୋଲୋଜି, ଯୋଗ ପ୍ରଶିକ୍ଷକମାନେ ଉପସ୍ଥିତ ରହି ରୋଗୀଙ୍କୁ ସେବା ଯୋଗାଇଥିଲେ। ଉକ୍ତ ମେଳାରେ ପଦ୍ମପୁର ମେଡିକାଲର ସମସ୍ତ କର୍ମଚାରୀ, ଡାକ୍ତର, ଫାର୍ମାସିଷ୍ଟ, ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ। ଶିକ୍ଷକ ଜଗନ୍ନାଥ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଯାଜ୍ଞସେନୀ ପାଢ଼ୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ନୂତନ ଡିଏସ୍‌ପି ରଶ୍ମିରଞ୍ଜନ ସେନାପତି, ଏମ୍‌ପିଙ୍କ ପ୍ରତିନିଧି ରାଜୀବ ସାହୁ, ସିଡିପିଓ ପ୍ରମିଳା ବେହେରା ଉପସ୍ଥିତ ଥିଲେ। ଅପରାହ୍ନରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମେଳା ପରିଦର୍ଶନ କରିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଗ୍ରାମଦେବୀ ଏସ୍‌ଏଚ୍‌ଜି, ଆଶା ଓ ଅଙ୍ଗନୱାଡ କର୍ମୀଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ୍ ଖୋଲିଥିଲା।

# ଗୁଣପୁରରେ ସଚେତନ କରୁଛି ଶିକ୍ଷାରଥ

ଗୁଣପୁର,୨୦ା୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରଠାରେ ଶିକ୍ଷା ସଚେତନତା ରଥକୁ ସୋମବାର ସ୍ୱାଗତ କରାଯାଇଛି। ଗୁଣପୁର ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ବ୍ଲକ ଅଧ୍ୟକ୍ଷା ଝିଲି ଶବର, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ବିଆର୍‌ସିସି ନିରଞ୍ଜନ ଦଲେଇ ପ୍ରମୁଖ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ସବିତା ଶବର, ଲକ୍ଷ୍ମୀ ବେହେରା, ସିଆର୍‌ସିସି ସଞ୍ଜୀବ ପଟ୍ଟନାୟକ, ରୋଜି କୋରା, ଦ୍ରୁପତି ଗୌଡ଼, ଦିଲୀପ ପାଣିଗ୍ରାହୀଙ୍କ ସମେତ ସିଆର୍‌ସିସି ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ସୋମବାର ଏହି ରଥ ପୌରାଞ୍ଚଳର ବିଭିନ୍ନ ସ୍କୁଲ ସହ ସହର ପରିକ୍ରମା କରିଥିଲା। ଏହାପରେ ରଥ ବ୍ଲକର ବିଭିନ୍ନ ଅଞ୍ଚଳକୁ ଯାଇ ସ୍କୁଲକୁ ଯାଉ ନ ଥିବା ପିଲାଙ୍କୁ ସ୍କୁଲ ପଠାଇବାକୁ ଅଭିଭାବକ ମାନଙ୍କୁ ସଚେତନ କରୁଛି। ଶୁକ୍ରବାର ପର୍ଯ୍ୟନ୍ତ ଏହି ରଥ ପରିକ୍ରମା କରିବ।



# ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର

### ମାସେ ମଧ୍ୟରେ ୨୦ ଦିବ୍ୟାଙ୍ଗଙ୍କ ପାଇଁ ପ୍ରସ୍ତୁତ ହେବ ଅଙ୍ଗ

ମାଲକାନଗିରି,୨୦ା୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ବାଲିମେଳା ନଗର ଟାଉନ୍ ହଲ୍‌ଠାରେ ଦିବ୍ୟାଙ୍ଗମାନଙ୍କ ପାଇଁ କୃତ୍ରିମ ଅଙ୍ଗ ପ୍ରତିରୋପଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଆଡ଼ଭାନ୍ସ ରିହାବିଲିଟେସନ ସେଣ୍ଟର ପକ୍ଷରୁ ଡା. ବିକାଶ କୁମାର ଜେନା ଓ ଡା. ୟୁ. ମହାରଥ ଉପସ୍ଥିତ ରହି କୃତ୍ରିମ ଅଙ୍ଗ ପ୍ରତିରୋପଣ ନିମନ୍ତେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗମାନଙ୍କ ମାପ ଓ ଛାଞ୍ଚ ନେଇଥିଲେ। ଶିବିରରେ ଚିତ୍ରକୋଣ୍ଡା ବ୍ଲକ, କୋରୁକୋଣ୍ଡା ବ୍ଲକ ଓ ବାଲିମେଳା ଏନ୍‌ଏସିର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଉପସ୍ଥିତ ଥିଲେ। ମାସେ ମଧ୍ୟରେ କୃତ୍ରିମ ଅଙ୍ଗ ତିଆରି କରାଯିବା ପରେ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ନେଇ କୃତ୍ରିମ ଅଙ୍ଗ ପ୍ରତିରୋପଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ପ୍ରଶାସନ ପକ୍ଷରୁ ରାଜୀବ ପୂଜାରୀ, ରାଜେଶ ଗୌଡ଼, ଏମ୍. ସରୋଜିନୀ ଲକ୍ଷ୍ମୀ, ଶ୍ରୀକାନ୍ତ ସାହୁ ପରିଚାଳନା କରିଥିଲେ। ଜିଲା ଭିନ୍ନକ୍ଷମ ବିଭାଗ ସଭାପତି ଜଗତ ଜୀବନ ପାତ୍ର ଏଥିରେ ସହଯୋଗ କରିଥିଲେ।



ଶିବିରରେ ଦିବ୍ୟାଙ୍ଗମାନଙ୍କ ମାପ ଓ ଛାଞ୍ଚ ନିଆଯାଉଛି।

